**ସଂକ୍ଷେପରେ**

## ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**ନାବାଳିକା ଅପହରଣ, ଯୌନ ନିର୍ଯାତନା ମାମଲା**

ଭଦ୍ରକ,୨୯।୮(ସନାତନ ରାଉତ)

ଜଣେ ନାବାଳିକାଙ୍କୁ ଅପହରଣ ଓ ଯୌନ ନିର୍ଯାତନା ମାମଲାରେ ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ କେଶରପୁର ଗ୍ରାମର କୃପାସିନ୍ଧୁ ସାହୁ(୩୦)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ପୁନଶ୍ଚ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭଦ୍ରକ ଅତିରିକ୍ତ ଆଡ଼ହକ ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ତଥା ଅତିରିକ୍ତ ଜିଲା ଜଜ୍ ମୀନତି ପଣ୍ଡା ଗୁରୁବାର ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୬ ଜୁଲାଇ ୮ରେ ନାବାଳିକାଙ୍କ ବାପା ବାସୁଦେବପୁର ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ଝିଅ ଏକ ମନ୍ଦିରକୁ ପୂଜା କରିବା ପାଇଁ ଯାଇଥିବା ବେଳେ ଘରକୁ ନ ଫେରି କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ଏନେଇ ଥାନାରେ ନିଖୋଜ ମାମଲା (ନଂ.୨୬୮/୧୬) ରୁଜୁ ହୋଇଥିଲା। ଉକ୍ତ ନାବାଳିକାଙ୍କୁ କୃପାସିନ୍ଧୁ ଅପହରଣ କରି ନେଇ ହାଇଦ୍ରାବାଦରେ ରଖିଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଥିଲା। ବାସୁଦେବପୁର ପୋଲିସ ହାଇଦ୍ରାବାଦରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଅଭିଯୁକ୍ତ କୃପାସିନ୍ଧୁଙ୍କୁ ଗିରଫ କରିବା ପରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା। ଅଭିଯୁକ୍ତ ପରେ ଜାମିନରେ ଆସିଥିଲେ। ଅଭିଯୋଗକାରୀଙ୍କ ପକ୍ଷରୁ ସରକାରୀ ଓକିଲ ବଟକୃଷ୍ଣ ଦାସ ଓ ପ୍ରଦୀପ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

# ଆସିଛି ଅନୁଦାନ, ହେଉନି ଉନ୍ନତୀକରଣ

■ଖାଙ୍କିହାଟ ଭିତରେ କୁଢ଼ କୁଢ଼ ଅଳିଆ
■ବର୍ଜ୍ୟବସ୍ତୁରେ ପୋତିହେଲାଣି ପୋଖରୀ

ତିହିଡ଼ି,୨୯।୮(ସଞ୍ଜିତ ବଳ)


ଖାଙ୍କିହାଟ ପୋଖରୀ।

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଖାଙ୍କିହାଟ ଓ ହାଟପାର୍ଶ୍ୱ ପୋଖରୀର ଉନ୍ନତୀକରଣ ପାଇଁ ୫୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ମାତ୍ର ବର୍ଷେ ହେଲା ଏହି ଟଙ୍କା ବିନିଯୋଗ ହୋଇ ନ ପାରି ପଡ଼ି ରହିଛି। ଫଳରେ ଅନୁଦାନ ଆସି ବି ଖାଙ୍କିହାଟର ଉନ୍ନତୀକରଣ ହୋଇପାରୁ ନାହିଁ। ହାଟକୁ ଲାଗି ରହିଥିବା ଖାଙ୍କିହାଟ ପୋଖରୀ ବର୍ଜ୍ୟବସ୍ତୁରେ ପୋତି ହୋଇପଡ଼ିଥିଲେ ମଧ୍ୟ ଏହାର ପୁନରୁଦ୍ଧାର ହୋଇପାରୁ ନାହିଁ। ହାଟ ଭିତରେ ଏବଂ ପୋଖରୀ ପାର୍ଶ୍ୱରେ ଜମା ହୋଇଥିବା କୁଢ଼ କୁଢ଼ ଅଳିଆ ଆବର୍ଜନାରୁ ଦୁର୍ଗନ୍ଧ ବାହାରି ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଭଦ୍ରକ ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ଅଧୀନରେ ହାଟ ଓ ପୋଖରୀ ଥିଲେ ମଧ୍ୟ ମିଳିଥିବା ଅନୁଦାନକୁ ଆର୍‌ଏମ୍‌ସି ପଞ୍ଚାୟତ ସମିତି ହାତକୁ ଠେଲିଦେଇ ହାତଗୋଡ଼ ବାନ୍ଧି ବସିଛି। ଅପରପକ୍ଷେ ପଞ୍ଚାୟତ ସମିତି ଜିଲାପାଳଙ୍କ ଦପ୍ତରକୁ ଏହି ଫାଇଲ ପଠାଇ ନିର୍ଦ୍ଦେଶନାମାକୁ ଅପେକ୍ଷା କରିଛି। ଯାହାଦ୍ୱାରା ଉନ୍ନତୀକରଣ ହେବା ତ ଦୂରର କଥା ଏଯାଏ ଟେଣ୍ଡର ମଧ୍ୟ ହୋଇପାରି ନାହିଁ।

ବହୁ ପୁରାତନ ଏହି ଖାଙ୍କିହାଟ ଉପରେ ନିର୍ଭରଶୀଳ ତିହିଡ଼ି ବ୍ଲକ ସମେତ ପଡ଼ୋଶୀ ଚାନ୍ଦବାଲି ଓ ବାସୁଦେବପୁରର ଲୋକେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ହାଟକୁ ଲାଗିଥିବା ପୋଖରୀର ପାଣିକୁ ପୂର୍ବରୁ ବ୍ୟବସାୟୀମାନେ ବ୍ୟବହାର କରୁଥିଲେ। ଆର୍‌ଏମ୍‌ସି ଅଧୀନରେ ପୂର୍ବରୁ ଚାଳ ବଉଡ଼ା ଛପର ଥିବା ଏହି ହାଟରେ ଦୋକାନ ସବୁ କିଛିବର୍ଷ ପୂର୍ବେ ପକ୍କାଗୃହରେ ପରିଣତ ହୋଇଛି। ତେବେ ହାଟର ବ୍ୟବସାୟୀ ମାନଙ୍କଠାରୁ ଆର୍‌ଏମ୍‌ସି ପକ୍ଷରୁ ମାସିକ ବଟି ଆଦାୟ କରାଯାଉଥିଲେ ମଧ୍ୟ ଉନ୍ନତୀକରଣ ଦିଗରେ ଆଦୌ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏପରିକି ହାଟ ଭିତରେ ଓ ହାଟ ପାର୍ଶ୍ୱରେ କୁଢ଼ କୁଢ଼ ଅଳିଆ ଆବର୍ଜନା ସଫା କରିବା ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବା ପରିତାପର ବିଷୟ ହୋଇଛି। ଦୁର୍ଗନ୍ଧ ଯୋଗୁ ଗ୍ରାହକମାନେ ହାଟ ଭିତରକୁ ଯିବାକୁ ନାକ ଟେକୁଛନ୍ତି। ଅପରପକ୍ଷେ ହାଟ ପାର୍ଶ୍ୱରେ ଥିବା ପୋଖରୀର ଅବସ୍ଥା କହିଲେ ନ ସରେ। ସେଠାରେ ଯେ ଦିନେ ପୋଖରୀ ଥିଲା, ତାହା ଏବେ ଜାଣିବା କଷ୍ଟସାଧ୍ୟ ହୋଇଛି। ଯେଉଁଆଡ଼େ ଚାହିଁଲେ ପୋଖରୀଟି ବର୍ଜ୍ୟବସ୍ତୁ ଓ ଦଳ ଘାସରେ ପରିପୂର୍ଣ୍ଣ। ତେବେ ହାଟ ଓ ପୋଖରୀର ଉନ୍ନତୀକରଣ ନିମନ୍ତେ ମିଳିଥିବା ୫୦ଲକ୍ଷ ଅନୁଦାନ କାର୍ଯ୍ୟରେ ନ ଲାଗିବା ସ୍ଥାନୀୟ ଅଞ୍ଚଳବାସୀ ଓ ବ୍ୟବସାୟୀଙ୍କ ପାଇଁ କ୍ଷୋଭର ବିଷୟ ହୋଇଛି। ସାମାଜିକ କର୍ମୀ କୁମାର ଗଙ୍ଗାଧର ଗତ ମଙ୍ଗଳବାର ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ଏ ସମ୍ପର୍କରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରି ଉନ୍ନତିକରଣ ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ବିଡିଓ ଜ୍ୟୋତିର୍ମୟ କର କହିଛନ୍ତି, ଉକ୍ତ ହାଟର ଉନ୍ନତୀକରଣ ପାଇଁ ମିଳିଥିବା ଅନୁଦାନର ଫାଇଲ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଛି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନୁଦାନ ରାଶିର ବିନିଯୋଗ କରାଯିବ।

## ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ଭଦ୍ରକ,୨୯।୮(ସନାତନ ରାଉତ)

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଭଦ୍ରକ କଲେଜ ଲିଗାଲ ଏଜୁକେଶନ ଡିପାର୍ଟମେଣ୍ଟରେ ସୁପ୍ରିମକୋର୍ଟ ଟ୍ରାନ୍ସଲେଶନ ଜଜ୍‌ମେଣ୍ଟ ଆଞ୍ଚଳିକ ଭାଷା, ସଫ୍ଟୱେୟାର, ହାଇକୋର୍ଟ ଭିଡିଓ କନ୍‌ଫରେନ୍ସ କୋର୍ଟ ରୁଲ୍‌ସ-୨୦୨୦ ଓ ରୁଲ୍‌ସ-୨୦୦୭ ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସ, ଡେପୁଟି ଡିଏସ୍‌ପି ସତ୍ୟ କୁମାର ନନ୍ଦ, ବରିଷ୍ଠ ଆଇନଜୀବୀ ନିରାକାର ଜେନା, ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ସଦସ୍ୟ ବନମାଳୀ ଜେନା, ସେଲ୍ସ ଫାଇନାନ୍ସ କୋର୍ଟର ସହାୟକ ଡ. ତାପସ କୁମାର ମହାନ୍ତି, କଲେଜର ପୀତାମ୍ବର ପଣ୍ଡା, ଶୁଭେନ୍ଦୁ କୁମାର ବରାଳ, ଆଇନଜୀବୀ ସ୍ନିଗ୍ଧା ବେହେରା ପ୍ରମୁଖ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ।

## ଲଉଡ଼ି ଖେଳ, ନୃତ୍ୟରେ କମ୍ପିଲା ଯାଦବ ପଡ଼ିଆ

**ନନ୍ଦ ଉତ୍ସବ, ସମ୍ବର୍ଦ୍ଧନା ସମାରୋହ**

ବାସୁଦେବପୁର,୨୯।୮(ନାରାୟଣ ପ୍ରସାଦ ବାରିକ୍)


ସଭାରେ ମୁଖ୍ୟଅତିଥି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ଭଦ୍ରକ ଜିଲା ବାସୁଦେବପୁର ବାଲିନଗର ଯାଦବପଡ଼ିଆଠାରେ ଜିଲା ଯାଦବ ମହାସଭା ଆନୁକୂଲ୍ୟରେ ବାସୁଦେବପୁର ଯାଦବ ମହାସଂଘ ସହଯୋଗରେ ନନ୍ଦ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଯାଦବ ମହାସଭାର ସଭାପତି ସୁଧାଂଶୁ ନାୟକ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ନୀତି ଆଦର୍ଶ ଓ ତାଙ୍କ ମୁଖ ନିସୃତ ବାଣୀକୁ ପ୍ରତ୍ୟେକ ବ୍ୟକ୍ତି ମାନି ନିଜର କର୍ମମୟ ଜୀବନରେ ପ୍ରୟୋଗ କଲେ ସଫଳତା ପାଇପାରିବେ। କୃଷ୍ଣ ପ୍ରେମ ଭାବ ହିଁ ଜୀବନର ଶ୍ରେଷ୍ଠ ମାର୍ଗ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଯାଦବ ନେତା ତଥା ପୌରପାଳିକା ଭାଇସ୍ ଚେୟାରମ୍ୟାନ ଉତ୍ତମ କୁମାର ବାରିକ, ଗୋପାଳ ମହାକୁଡ଼ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମହାସଂଘ ସଭାପତି ନାରାୟଣ ନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଭାଗୀରଥି ପଲେଇ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାର ସମସ୍ତ ବ୍ଲକରୁ ଆସିଥିବା ଯାଦବ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ଲଉଡ଼ି ଖେଳ, ଓଗାଳ ଗାନ ଓ ନୃତ୍ୟଗୀତରେ ଯାଦବ ପଡ଼ିଆ କମ୍ପିଥିଲା। ଯାଦବ ପଡ଼ିଆରେ ଥିବା ରାଧାକୃଷ୍ଣଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା।

## ରକ୍ତଦାନ ଶିବିର

ଭଣ୍ଡାରିପୋଖରୀ,୨୯।୮
(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଉତ୍କଳ ଫାଉଣ୍ଡେଶନ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀସ୍ଥିତ ଫାଉଣ୍ଡେଶନର କାର୍ଯ୍ୟାଳୟରେ ତ୍ରିଲୋଚନ ଦାଶଙ୍କ ସଂଯୋଜନାରେ ଆୟୋଜିତ ଶିବିରକୁ ଅବସରପ୍ରାପ୍ତ ଶିକ୍ଷକ ତଥା ଉତ୍କଳ ଫାଉଣ୍ଡେଶନ ଉପଦେଷ୍ଟା ବିଶ୍ୱମ୍ଭର ନାଥ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଉତ୍କଳ ଫାଉଣ୍ଡେଶନ ପ୍ରତିଷ୍ଠାତା ତ୍ରିଲୋଚନ ଦାଶଙ୍କ ସହ ନିତ୍ୟାନନ୍ଦ ଜେନା, ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ସଦସ୍ୟ ଶିବିର ପରିଚାଳନା କରିଥିଲେ।

## ଜାତୀୟ କ୍ରୀଡ଼ା ଦିବସ


 କ୍ରୀଡ଼ା ଦିବସ ପାଳନ ଅବସରରେ ଉପସ୍ଥିତ ଅଧିକାରୀ।

ଭଦ୍ରକ,୨୯।୮(ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ କ୍ରୀଡ଼ା ଦିବସ ଗୁରୁବାର ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଆଇ ଲଭ୍ ଭଦ୍ରକ ପଏଣ୍ଟରେ ସାଜସଜ୍ଜା ମଧ୍ୟରେ ହକି ଖେଳର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଭାରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ତଥା ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଅପରାହ୍ନ ୪ଟାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଯୋଗଦେଇ ଧ୍ୟାନଚାନ୍ଦଙ୍କ ହକି ଖେଳ ବିଷୟରେ କହିବା ସହ ଜାତୀୟ କ୍ରୀଡ଼ା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲାପାଳ ମହାନ୍ତିଙ୍କ ସହ ଉପଜିଲାପାଳ ମନୋଜ ପାତ୍ର ଓ ଅତିରିକ୍ତ ଉପଜିଲାପାଳ ରାୟ ଯୋଗ ଦେଇଥିଲେ। ଜିଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା କ୍ରୀଡ଼ା ଉପବିଭାଗରେ ସ୍ୱତନ୍ତ୍ର ଅଧିକାରୀ ଭାବେ କାର୍ଯ୍ୟରତ ରମେଶ କୁମାର ମହାନ୍ତି ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସୂଚନାଥାଉ କି, ହକି ଖେଳାଳି ଧ୍ୟାନଚାନ୍ଦଙ୍କ ଜନ୍ମଦିନକୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଉଛି। ଚଳିତବର୍ଷ ଅଗଷ୍ଟ ୨୬ରୁ ୩୧ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ସପ୍ତାହ ପାଳନ କରାଯାଉଛି।

## ଖୁବ୍‌ଶୀଘ୍ର ମିଳିବ ସୁଭଦ୍ରା ଆବେଦନ ଫର୍ମ


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଭଦ୍ରକ,୨୯।୮(ସନାତନ ରାଉତ)

ମହିଳା ସଶକ୍ତୀକରଣ ପାଇଁ ନୂଆ ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇଥିବା 'ସୁଭଦ୍ରା' ଯୋଜନାର କାର୍ଯ୍ୟାନ୍ୱୟନ ନିମନ୍ତେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଭାସି ଜରିଆରେ ରାଜ୍ୟସ୍ତରୀୟ ବୈଠକ ପରେ ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଓସୱାନ୍ ହଲ୍‌ରେ ଜିଲାସ୍ତରୀୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ବିଷୟରେ ଜିଲାପାଳ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୋଜନାରେ ଆବେଦନ ପାଇଁ ଆବଶ୍ୟକ ଫର୍ମ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ। ଆବେଦନକାରୀ ଫର୍ମ ପୂରଣ ପରେ ମୋ ସେବା କେନ୍ଦ୍ର କିମ୍ବା କମନ୍ ସର୍ଭିସ୍ ସେଣ୍ଟରରେ ଅନ୍‌ଲାଇନରେ ଅପ୍‌ଲୋଡ୍ କରିବେ। ପ୍ରତି ବ୍ଲକ୍ ଓ ପଞ୍ଚାୟତସ୍ତରରେ ନୋଡାଲ ଅଧିକାରୀ ନିୟୋଜିତ କରାଯିବ। ଖୁବ୍‌ଶୀଘ୍ର ତଥା ୨/୩ ଦିନ ମଧ୍ୟରେ ସୁଭଦ୍ରା ପାଇଁ ଆବେଦନ ଫର୍ମ ମିଳିବ ବୋଲି ନୋଡାଲ ଅଧିକାରୀ ସୂଚନା ଦେଇଛନ୍ତି। ସୁଭଦ୍ରା ଯୋଜନା ପାଇଁ ଜିଲାସ୍ତରୀୟ ନୋଡାଲ ଅଧିକାରୀ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ପ୍ରକଳ୍ପ ନିର୍ଦ୍ଦେଶକ ଡୁଡା ବ୍ରଜଗୋପାଳ ଆଚାର୍ଯ୍ୟଙ୍କ ସହ ଜିଲାର ସମସ୍ତ ବିଡିଓ ଏବଂ ସମ୍ପୃକ୍ତ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ରାଶନ କାର୍ଡରେ ନାଁ ଯୋଡ଼ିବାକୁ ଅପେକ୍ଷାରେ ୬୫ ହଜାର ହିତାଧିକାରୀ

ଭଦ୍ରକ,୨୯।୮(ସନାତନ ରାଉତ)

ଭଦ୍ରକ ଜିଲାରେ ରାଶନ କାର୍ଡ ପାଇଥିବା ପରିବାରରେ ୫ ବର୍ଷରୁ ଅଧିକ ଓ ନୂତନ କାର୍ଡଧାରୀଙ୍କ ପରିବାର ସଦସ୍ୟ ଭାବେ ୬୫ହଜାର ହିତାଧିକାରୀ ନାଁ ଯୋଡ଼ିବା ପାଇଁ ଅପେକ୍ଷାରେ ଅଛନ୍ତି। ବାରମ୍ବାର ବଣ୍ଟନ କେନ୍ଦ୍ରର ଡିଲର ଓ ବ୍ଲକ ଯୋଗାଣ ବିଭାଗରେ ତାଙ୍କର ଆଧାର ଜେରକ୍ସ ଦେଇ ମଧ୍ୟ କାର୍ଡରେ ଯୋଡ଼ି ହୋଇପାରୁ ନାହାନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ପରିବାରରେ କାର୍ଡ ମିଳିବା ସମୟରେ ୫ ବର୍ଷରୁ କମ୍ ଥିବା ଶିଶୁମାନଙ୍କ ନାମ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା। ନିୟମ ଅନୁସାରେ ୫ ବର୍ଷ ପରେ ଖାଦ୍ୟ ସୁରକ୍ଷା ଯୋଜନାରେ ପରିବାରକୁ ମିଳିଥିବା ରାଶନ କାର୍ଡରେ ନାଁ ଯୋଡ଼ିବା କଥା। ୱେବ୍‌ସାଇଟ୍ ବନ୍ଦ ଅଛି, ଟାର୍ଗେଟ୍ ନାହିଁ ଏପରି ଆଳ ଦେଖାଇ ବର୍ଷ ବର୍ଷ ଧରି କାର୍ଡରେ ନାଁ ଯୋଡ଼ି ହୋଇପାରୁ ନାହିଁ। ଏପରିକି ୫ ବର୍ଷ ଅତିକ୍ରମ କରି ୧୨/୧୩ ବର୍ଷ ହୋଇଥିଲେ ମଧ୍ୟ କାର୍ଡରେ ଯୋଡ଼ି ହୋଇପାରୁ ନାହାନ୍ତି। ଏବେ ସରକାର ପରିବର୍ତ୍ତନ ପରେ ରାଶନ କାର୍ଡରେ ନାମ ଥିବା ସମସ୍ତ ହିତାଧିକାରୀ ଇ-କେୱାଇସି କରିବାକୁ ବାଧ୍ୟତାମୂଳକ କରାଯାଇଛି। ଡିଲର ପଏଣ୍ଟରେ ଇ ପସ୍ ମେଶିନରେ ଟିପଚିହ୍ନ ଦେଇ କିମ୍ବା ଆଖି ସ୍କାନ୍ କରି ଇ-କେୱାଇସି ବ୍ୟବସ୍ଥା ଆରମ୍ଭ କରାଯାଇଛି।

ଏନେଇ ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି, ଇ- କେୱାଇସି ଦ୍ୱାରା କିଛି ପରିବାରରେ ମୃତ ବ୍ୟକ୍ତିଙ୍କ ନାମରେ ଯାଉଥିବା ରାଶନ ବନ୍ଦ ହୋଇଯିବ। ପରିବାର ସଦସ୍ୟଙ୍କ ମୃତ୍ୟୁ ପରେ ମଧ୍ୟ କାର୍ଡରୁ ନାମ ବାଦ୍ ନ କରି ପରିବାର ଲୋକେ ରାଶନ ନେଉଥିଲେ। ଏହି ଭୂତ ହିତାଧିକାରୀ ଏବଂ ବିବାହ ପରେ ଝିଅମାନଙ୍କ ନାମ ବାଦ୍ କରାଗଲେ ସେହି ସ୍ଥାନରେ କିଛି ନୂଆ ହିତାଧିକାରୀଙ୍କୁ ଯୋଡ଼ା ଯାଇପାରିବ। ଏବେ ୬୫ ହଜାର ନାମ ଯୋଡ଼ିବା ପାଇଁ ଥିବାବେଳେ ଟାର୍ଗେଟ୍ ନ ଥିବାରୁ ଯୋଡ଼ାଯାଇ ପାରୁନାହିଁ।

## ରାଜକନିକା, ଚାନ୍ଦବାଲି-ଏ ବିଜୟୀ


ଅତିଥିଙ୍କ ସହ ଖେଳାଳିମାନେ।

**ଜାତୀୟ କ୍ରୀଡ଼ା ଦିବସରେ ମହିଳା ଫୁଟ୍‌ବଲ, ସିପକ୍‌ଟାକ୍ରୋ ମ୍ୟାଚ୍**

ଚାନ୍ଦବାଲି,୨୯।୮ (କିଷାନ ପାତ୍ର)

ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଭଦ୍ରକ ଜିଲା ସିପକ୍‌ଟାକ୍ରୋ ଆସୋସିଏଶନ ଆନୁକୂଲ୍ୟରେ ଗୁରୁବାର ଚାନ୍ଦବାଲି ହାଟଆଡ଼ିଆଠାରେ ମହିଳା ଫୁଟ୍‌ବଲ ଓ ସିପକ୍‌ଟାକ୍ରୋ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ଓ ରାଜକନିକା ମଧ୍ୟରେ ମହିଳା ଫୁଟ୍‌ବଲ ମ୍ୟାଚ୍ ହୋଇଥିଲା। ଏଥିରେ ଚାନ୍ଦବାଲିକୁ ହରାଇ ରାଜକନିକା ଟିମ୍ ବିଜୟୀ ହୋଇଛି। ସେହିପରି ଚାନ୍ଦବାଲି-ଏ ଓ ଚାନ୍ଦବାଲି-ବି ମଧ୍ୟରେ ସିପକ୍‌ଟାକ୍ରୋ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଚାନ୍ଦବାଲି-ଏ ବିଜୟ ହାସଲ କରିଛି। ବିଜୟୀ ଟିମ୍‌ଙ୍କୁ ପୁରସ୍କୃତ କରାଯାଇଥିଲା।

କ୍ରୀଡ଼ା ସଙ୍ଗଠକ ଅମୂଲ୍ୟ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଫେସର ଶାନ୍ତନୁ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ପ୍ରଫୁଲ୍ଲ ଦାସ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ସେକ୍ ଫିରୋଜ, ସାଗର ସାହୁ, ଭାରତୀ ମିଶ୍ର, ଲକ୍ଷ୍ମୀପ୍ରିୟା ନାୟକ, ଅମର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତିଭା ସମ୍ମାନ, ଚାରାରୋପଣ

ଧାମନଗର,୨୯।୮(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ଯାଦବ ମହାସଭା ପକ୍ଷରୁ ପ୍ରତିଭା ସମ୍ମାନ ଓ ଚାରାରୋପଣ କାର୍ଯ୍ୟକ୍ରମ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଭାର ବ୍ଲକ ସଭାପତି ସୁବାସ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋଲକାତା ଇକୋ ବ୍ୟାଙ୍କ ଶାଖା ପ୍ରବନ୍ଧକ ଅମରେଶ ପଲାଇ ଓ ମୁଖ୍ୟବକ୍ତା ଶିକ୍ଷାବିତ୍ ସତ୍ୟସୁନ୍ଦର ପରିଡ଼ା ଯୋଗ ଦେଇଥିଲେ। ଚଳିତ ଶିକ୍ଷାବର୍ଷରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମାଟ୍ରିକ୍‌ରେ ସର୍ବୋଚ୍ଚ ନମ୍ବର ରଖିଥିବା ୩ ଛାତ୍ରୀଛାତ୍ର ଓ ୨ ପ୍ରକୃତିପ୍ରେମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସରପଞ୍ଚ ବିଜୟ ଦାସ, ଶରତ ଚନ୍ଦ୍ର ମାଝୀ, ପୂର୍ବତନ ସମିତିସଭ୍ୟ ପ୍ରତାପ ସାମଲ, ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଦାଶ, ବୃନ୍ଦାବନ ମହାନ୍ତି, ଦଶରଥ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କୁଳମଣି ବେହେରା ମଞ୍ଚ ସଞ୍ଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଅନିଲ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। କ୍ଷେତ୍ରବାସୀ ବାରିକ ଉଦ୍ଦେଶ୍ୟ ଜ୍ଞାପନ ଓ ମାଧବ ଖଟୁଆ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଗ୍ରାମ୍ୟ ରାସ୍ତା ମରାମତି ଦାବି

ବନ୍ତ,୨୯।୮(ହରି ନାରାୟଣ ମହାନ୍ତି)


ସାବିତ୍ରୀଆଡ଼ି ପୋଲ-ବ୍ରାହ୍ମଣସାହି ରାସ୍ତା।

ବନ୍ତ ବ୍ଲକର ଗଣିଜାଙ୍ଗ ଆମ୍ବଗଡିଆ ଭାୟା ମଙ୍ଗୁଲି ରାସ୍ତାକୁ ସଂଯୋଗ କରୁଥିବା ଛୟାଳସିଂ ପଞ୍ଚାୟତର ଗ୍ରାମ୍ୟ ରାସ୍ତାଗୁଡ଼ିକ ଶୋଚନୀୟ ହୋଇପଡ଼ିଛି। ଏନେଇ ଗ୍ରାମବାସୀ ବିଡିଓଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜାମ୍ବବଣି ଛକରୁ ସରମରା ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ସାବିତ୍ରୀ ପୀଠ ପୋଲଠାରୁ ଗଣିଜାଙ୍ଗ ଆମ୍ବଗଡିଆ ଭାୟା ମଙ୍ଗୁଲି ଗ୍ରାମ୍ୟ ଉନ୍ନୟନ ରାସ୍ତାଗୁଡ଼ିକୁ ସଂଯୋଗ କରୁଥିବା ମଙ୍ଗୁଲି ବ୍ରାହ୍ମଣସାହି, ରାଉତସାହି, ପରିଡ଼ାସାହି, ଦୋଳପଦୀ ଅନୁସୂଚିତ ଜାତି ସାହି, ମଙ୍ଗୁଲି ସ୍କୁଲ, କୁକୁଡା ଫାର୍ମ ଛକ ଆଦି ପଞ୍ଚାୟତ ରାସ୍ତାଗୁଡ଼ିକ ବର୍ଷ ବର୍ଷ ଧରି ଶୋଚନୀୟ ଅବସ୍ଥାରେ ରହିଛି। ବର୍ଷାଦିନେ ଗ୍ରାମବାସୀଙ୍କ ସହ ସ୍କୁଲ, କଲେଜକୁ ଯାତାୟାତ କରୁଥିବା ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଉପରେ ଛୟାଳସିଂ, ଓଡ଼ଙ୍ଗ, ଟିଲୋ, କାଦବରାଙ୍ଗ, ଗଣିଜାଙ୍ଗ ଆଦି ପଞ୍ଚାୟତର ଲୋକ ନିର୍ଭର କରନ୍ତି। ଜରୁରୀ ପରିସ୍ଥିତିରେ ଏହି ରାସ୍ତାରେ ଦମକଳ ଗାଡ଼ି କିମ୍ବା ଆମ୍ବୁଲାନ୍ସ ଯାତାୟାତ କରିବା ବେଳେ ବହୁ ଅସୁବିଧା ଦେଖାଯାଉଛି। ରାସ୍ତାଗୁଡ଼ିକୁ ମରାମତି କରାଯିବା ସହ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ପରିଣତ କରିବାକୁ କୈଳାଶ ରାଉତ, ପ୍ରଫୁଲ୍ଲ ରାଉତ, ରଘୁନାଥ ପୁହାଣ, ସୁଶାନ୍ତ ପରିଡ଼ା, ଶରତ ଜେନା ପ୍ରମୁଖ ଦାବି କରିଛନ୍ତି।

## ରେଳପଥ ସଂଗ୍ରାମ ସମିତିର ଅସନ୍ତୋଷ

**ଯାଜପୁର ରୋଡ୍-ଧାମରା ରେଳପଥକୁ ମିଳିଲାନି ମଞ୍ଜୁରୀ**

ଭଦ୍ରକ,୨୯।୮(ସନାତନ ରାଉତ)

ନିକଟରେ ଘୋଷଣା ହୋଇଥିବା ରେଳ ବଜେଟ୍‌ରେ ଓଡ଼ିଶାର ୬ଟି ରେଳ ପ୍ରକଳ୍ପ ପାଇଁ ୧୫ ହଜାର କୋଟି ଟଙ୍କା ମଞ୍ଜୁର କରାଯାଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯାଜପୁର ରୋଡ୍-ଧାମରା ରେଳପଥ ପ୍ରକଳ୍ପ ବାଦ୍ ପଡ଼ିଲା। ଏହି ରେଳପଥ ନିର୍ମାଣ କ୍ଷେତ୍ରରେ କେନ୍ଦ୍ରୀୟ ଅବହେଳାକୁ ନେଇ ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ଅସନ୍ତୋଷ ପ୍ରକାଶ କରିବା ସହ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଛି। ଏହି ରେଳପଥ ନିର୍ମାଣ ପାଇଁ ପୂର୍ବତଟ ରେଳପଥ ବିଭାଗ ପକ୍ଷରୁ ଆକଳନ କରାଯାଇ ରେଳ ବୋର୍ଡ ନିକଟରେ ସମସ୍ତ କାଗଜପତ୍ର ଦାଖଲ କରାଯାଇଥିଲେ ମଧ୍ୟ ମଞ୍ଜୁରୀ ମିଳିନାହିଁ। ପ୍ରାୟ ୧୦୧ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏହି ରେଳପଥ ପ୍ରକଳ୍ପ ନିର୍ମାଣ ପାଇଁ ୩,୩୧୫ କୋଟି ୭୭ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। କିନ୍ତୁ ଏଥିରୁ ରେଳ ବିଭାଗକୁ ବାର୍ଷିକ ୧୪ରୁ ୨୪ ପ୍ରତିଶତ ଲାଭାଂଶ ମିଳିପାରିବ। ପ୍ରକଳ୍ପ ପାଇଁ ୧,୬୨୪ ଏକର ଜମି ଆବଶ୍ୟକ ଥିବାବେଳେ ଅଧିଗ୍ରହଣରେ କୌଣସି ସମସ୍ୟା ନାହିଁ। ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଧାମରାରୁ ଖଣିଜ ଦ୍ରବ୍ୟ ପରିବହନରେ ୪୧୩ କୋଟି ଟଙ୍କା ରାଜସ୍ୱ ମିଳିବା ସହ ପାସେଞ୍ଜର ଟ୍ରେନ୍ ଚଳାଚଳରେ ପ୍ରାୟ ୧୭ଲକ୍ଷ ଲୋକଙ୍କୁ ଯାତାୟାତ ସୁବିଧା ମିଳିପାରିବ ବୋଲି ଆକଳନ କରାଯାଇଥିଲା। ଏହି ରେଳ ପ୍ରକଳ୍ପରେ ଯାଜପୁରର ପ୍ରସିଦ୍ଧ ବିରଜା କ୍ଷେତ୍ର, ଭଦ୍ରକର ପ୍ରସିଦ୍ଧ ଆରଡ଼ି ଶୈବପୀଠ ଓ ଭିତରକନିକା ଜାତୀୟ ଉଦ୍ୟାନ ଭଳି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ସଂଯୋଗ ହୋଇପାରିବ। ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ରେଳଯାତ୍ରାରେ ସହଜରେ ଏହି ପର୍ଯ୍ୟଟନ କ୍ଷେତ୍ରରେ ପହଞ୍ଚିବାର ସୁବିଧା ପାଇପାରିବେ। ଗମନାଗମନ, ପରିବହନ, ପର୍ଯ୍ୟଟନ କ୍ଷେତ୍ରରେ ଏହି ରେଳପଥର ଆବଶ୍ୟକତା ଥିବାବେଳେ ଆର୍ଥିକ ସମୃଦ୍ଧି ମଧ୍ୟ ହୋଇପାରିଥାନ୍ତା। କେନ୍ଦ୍ର ରେଳ ମନ୍ତ୍ରଣାଳୟ ପ୍ରକଳ୍ପ ମଞ୍ଜୁରୀକୁ ବାରମ୍ବାର ଉପେକ୍ଷା କରିବା ଦୁର୍ଭାଗ୍ୟର ବିଷୟ ବୋଲି ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ କହିଛନ୍ତି। ଏହି ରେଳ ପ୍ରକଳ୍ପ ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲାବାସୀଙ୍କ ପାଇଁ କେବଳ ନୁହେଁ, ସାରା ରାଜ୍ୟବାସୀଙ୍କ ଲାଗି ତୀର୍ଥ, ପର୍ଯ୍ୟଟନ କ୍ଷେତ୍ରରେ ସହାୟକ ହୋଇଥାନ୍ତା। ଉପକୂଳ ଓଡ଼ିଶାର ଏହି ଜିଲାବାସୀଙ୍କ ଜୀବନ ଏବଂ ଜୀବିକାର ଉନ୍ନତି ପାଇଁ ଉକ୍ତ ପ୍ରକଳ୍ପକୁ ତୁରନ୍ତ ମଞ୍ଜୁରୀ ଦେବାକୁ ସଂଗ୍ରାମ ସମିତି ରେଳ ମନ୍ତ୍ରଣାଳୟ ପାଖରେ ଦାବି କରିଛି।

## ସଂକ୍ଷେପରେ

### ବଙ୍ଗୀୟ ଦମ୍ପତିଙ୍କଠାରୁ ଝାମ୍ପି ନେଲେ ସୁନାଚେନ୍

ଭୋଗରାଇ, ୨୯।୮(ପ୍ରଦୀପ ଦାସ)– ବାଇକ୍‌ରେ ଶ୍ୱଶୁର ଘର ଯାଉଥିବା ଏକ ବଙ୍ଗୀୟ ଦମ୍ପତି ଲୁଟ୍‌ର ଶିକାର ହୋଇଛନ୍ତି। ଘଟଣା ଘଟିଛି ଗୁରୁବାର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନହରା ଛକ ନିକଟରେ। ଲୁଟେରାଙ୍କ ଭିତରୁ ୨ ଜଣଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ୍ ଜିମା ଦେଇଛନ୍ତି। ପଶ୍ଚିମବଙ୍ଗ ବରଙ୍ଗୀ ଅଞ୍ଚଳର ଆଶୁତୋଷ ମହାପାତ୍ର ତାଙ୍କ ସ୍ତ୍ରୀଙ୍କୁ ବାଇକ୍‌ରେ ନେଇ ଭୋଗରାଇ ଅଭିମୁଖେ ଆସୁଥିଲେ। ୫୭ ନମ୍ବର ଜାତୀୟ ରାଜପଥର ନହରା ଛକରେ ୨ଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ଆସି ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ଭାରସାମ୍ୟ ହରାଇ ଦମ୍ପତି ବାଇକ୍‌ରୁ ତଳେ ପଡ଼ି ଯାଇଥିଲେ। ଏ ସମ୍ପର୍କରେ ଆଶୁତୋଷ ନିଜ ସମ୍ପର୍କୀୟଙ୍କୁ ଫୋନ୍ କରି ଜଣାଇବା ସହ ସ୍ତ୍ରୀଙ୍କୁ କମର୍ଦ୍ଦା ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ। ଅପରପକ୍ଷରେ କମର୍ଦ୍ଦା ଛକରେ ସ୍ଥାନୀୟ ଲୋକେ ଦୁଇ ଲୁଟେରାଙ୍କୁ କାବୁ କରି ନିର୍ଘୁମ ଛେଚିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଲୁଟେରାଙ୍କୁ ଥାନାକୁ ନେଇଥିଲେ। ଦୁଇ ଲୁଟେରାଙ୍କ ଘର ଭୋଗରାଇ ବ୍ଲକ ଉଦୟପୁର ଅଞ୍ଚଳରେ। ବାଇକ୍‌ରେ ଥିବା ଅନ୍ୟ ୩ଜଣ ଫେରାର ହୋଇଯାଇଛନ୍ତି।

### ବାହାର୍ଦ୍ଦାରେ ଦେବସେନା ବୈଠକ

ବସ୍ତା, ୨୯।୮(ହରିଶଙ୍କର ପାଢ଼ି)– ବସ୍ତା ବ୍ଲକ ବାହାର୍ଦ୍ଦାଠାରେ ଦେବସେନା ତରଫରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ସୁଦାମ ଚରଣ ଗାଣ ସଭାପତିତ୍ୱ କରିଥିବା ବେଳେ ବ୍ଲକ ସଭାପତି ଅନ୍ତର୍ଯ୍ୟାମୀ ରାଉଳ ସଙ୍ଗଠନର ଅଭିବୃଦ୍ଧି ନେଇ ଆଲୋଚନା କରିଥିଲେ। ଜିଲା ଅଧକ୍ଷ ଶଙ୍କର ଜେନା, ଜିଲା ଗୋସୁରକ୍ଷା ପ୍ରକୋଷ୍ଠ ଅଧକ୍ଷ ମନୋଜ ସାମଲ, ମହାସଚିବ ଉମେଶ ବେହେରା, ପରାମର୍ଶଦାତା କୁମୁଦ ରଞ୍ଜନ ଗିରି, କମଲ ପରିଡ଼ା, ପ୍ରଭୁରାମ ରଣା, ପ୍ରତାପ ନାୟକ, ଅଜୟ ବିଶ୍ୱାଳ ଓ ଜୁଲୁ ମାଝି ପ୍ରମୁଖ ଦେବ ସୈନିକ ଉପସ୍ଥିତ ଥିଲେ।

# ସାଳନ୍ଦୀ ଡିଭିଜନ, କେନାଲ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା

ଖଇରା, ୨୯।୮(ଉତ୍କଳବନ୍ଧୁ ପଣ୍ଡା)



ବେଗୁନିଆ ମାଇନରରେ ଛାଡି ଦିଆଯାଇଥିବା ଅର୍ଦ୍ଧନିର୍ମିତ ରାସ୍ତା।

ସାଳନ୍ଦୀ କେନାଲ ଡିଭିଜନ ଏବଂ ଖଇରା ସବ୍‌ଡିଭିଜନ ଅଧୀନ ଗୋପାଳପୁର, ରାଣିତାଲ ଓ ଚରମ୍ପା ମାଇନର ଅଧୀନରେ ଚାଲିଥିବା କେନାଲ ପାର୍ଶ୍ୱ ରାସ୍ତା ନିମ୍ନମାନର ହେବା ସହ ବର୍ଷ ବର୍ଷ ଧରି ଅର୍ଦ୍ଧନିର୍ମିତ ଅବସ୍ଥାରେ ଛାଡି ଦିଆଯାଇଛି। ଫଳରେ ଯାତ୍ରୀମାନେ ଦୁର୍ଦ୍ଦଶାର ଶିକାର ହେଉଛନ୍ତି। ଅଧିକାଂଶ ରାସ୍ତା ସରିବାର କିଛି ମାସ ନ ପୂରୁଣୁ ଏହା ଭାଙ୍ଗିରୁଜି ନଷ୍ଟ ହୋଇଯାଉଥିବା ଏବଂ ଅନ୍ୟ କିଛି ରାସ୍ତାକୁ ଅଧାପନ୍ତରିଆ ଅବସ୍ଥାରେ ଛାଡି ଦିଆଯିବା ଘଟଣାରେ ବିଭାଗର ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ତୁରନ୍ତ ଜଳସେଚନ ବିଭାଗ ସଚିବ ଓ ମୁଖ୍ୟମନ୍ତ୍ରୀ ଏହା ଉପରେ ଦୃଷ୍ଟି ନ ଦେଲେ ଖଇରା ଉପଖଣ୍ଡ ଅଧୀନ ଚାଷୀ, ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ଯାତ୍ରୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

୨୦୨୩-୨୪ରେ ଉପରୋକ୍ତ ମାଇନର ଅଧୀନରେ ବିଭିନ୍ନ ରାସ୍ତା, କଲଭର୍ଟ ଆଦି ନିର୍ମାଣ କରିବାକୁ ପାଖାପାଖି ୫୦କୋଟି ଟଙ୍କା ମଞ୍ଜୁର କରାଯାଇଛି। ହେଲେ ଯନ୍ତ୍ରୀମାନଙ୍କର କର୍ତ୍ତୃତ୍ୱ ଓ ଲୋକପ୍ରତିନିଧିଙ୍କ ନେତୃତ୍ୱ ଅଭାବରୁ ବହୁ କାର୍ଯ୍ୟ ଠିକ୍‌ଠାକ୍ ହେଉ ନ ଥିବା ଅଭିଯୋଗ ହୋଇଛି । ବିଶେଷ କରି ଏବେ ବେଗୁନିଆ ମାଇନରରେ ୭.୫ କି.ମି. ରାସ୍ତାକୁ ଅଧା କରି ଛାଡି ଠିକାଦାର ଅଦୃଶ୍ୟ ହୋଇଯିବା ଯାତ୍ରୀଙ୍କୁ ପ୍ରତିମୁହୂର୍ତ୍ତରେ ବିପଦରେ ପକାଉଛି । ଏଥିଯୋଗୁ ୪କୋଟି ଟଙ୍କା ପାଣିରେ ପଡିଲା ବୋଲି ଆଲୋଚନା ହେଉଛି। ସେପଟେ ବିଭିନ୍ନ ରାସ୍ତା ତଦାରଖ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀମାନେ ମଧ୍ୟ ଠିକାଦାରଙ୍କୁ ରାସ୍ତା ଶେଷ କରିବାକୁ ତାଗିଦ୍ କରିବା ପରିବର୍ତ୍ତେ ତାଙ୍କୁ ସମର୍ଥନ କରି ଚୁପ୍ ରହୁଥିବାରୁ ଏହି ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବେଗୁନିଆ ମାଇନର ଅଧାଖଣ୍ଡିଆ କରି ଛାଡି ଦିଆଯାଇଥିବା ତୋଟାପଡାରୁ ବାରାପୁର ପର୍ଯ୍ୟନ୍ତ ରାସ୍ତା ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଦୁର୍ଗାପ୍ରସନ୍ନ ତ୍ରିପାଠୀଙ୍କୁ ପଚାରିବାରେ କଞ୍ଚା ରାସ୍ତାରେ କଞ୍ଚାମାଲ ଆସିପାରୁ ନ ଥିବାରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବା କହିଛନ୍ତି।

# ବିକାଶ ପରିଷଦ ପକ୍ଷରୁ ଡିଆରଏମଙ୍କୁ ଦାବିପତ୍ର



ଡିଆର୍‌ଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାଲେଶ୍ୱର, ୨୯।୮(ବାଞ୍ଛାନିଧି ଦେ)

## ରୂପସା ଷ୍ଟେଶନ ସମସ୍ୟା

ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍ ଅଧୀନ ରୂପସା ଷ୍ଟେଶନରେ ଲାଗି ରହିଥିବା ସମସ୍ୟାର ସମାଧାନ ହେଉନି। ବିଭାଗ ପକ୍ଷରୁ ଏହି ଷ୍ଟେଶନ ପ୍ରତି ଅବହେଳା ଯୋଗୁ ସାଧାରଣରେ ଅସନ୍ତୋଷ ଲାଗି ରହିଛି। ଗୁରୁବାର ଖଡ଼ଗପୁର ଡିଆର୍‌ଏମ୍ କେଆର୍ ଚୌଧୁରୀ ରୂପସା ଷ୍ଟେଶନ ପରିଦର୍ଶନରେ ଆସିଥିଲେ। ରୂପସା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଡିଆର୍‌ଏମ୍‌ଙ୍କୁ ଷ୍ଟେଶନ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଷ୍ଟେଶନରେ ପୂର୍ବଭଳି ଡାଉନ ଜଗନ୍ନାଥ ଏକ୍ସପ୍ରେସ୍ ରହଣି ହେବା, ଭଞ୍ଜପୁର-ରୂପସା ମେମୋ ଟ୍ରେନ୍ ପୂର୍ବ ଭଳି ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ ଏବଂ ଉତ୍ତର କେବିନ୍‌ଠାରେ ପ୍ରସ୍ତାବିତ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଡିଆର୍‌ଏମ୍‌ଙ୍କୁ ଅନୁରୋଧ କରିଥିଲେ। ବିକାଶ ପରିଷଦ ସଭାପତି ଭଗବାନ ମହାପାତ୍ର, ଉପଦେଷ୍ଟା ବରଦା ପ୍ରସନ୍ନ ପଟ୍ଟନାୟକ, ସମ୍ପାଦକ ସୁଧାକର ଗିରି, ସଦସ୍ୟ ନିରଞ୍ଜନ ବାରିକ, ରତିରଞ୍ଜନ ମହାପାତ୍ର, ଚକ୍ରଧର ଆଚାର୍ଯ୍ୟ, ଅନ୍ନଦା ପ୍ରସନ୍ନ ପଟ୍ଟନାୟକ, ଭିକାରୀ ଚରଣ ମିସ୍ତ୍ରୀ, ସନ୍ତୋଷ ପରିଡ଼ା, ଅନନ୍ତ ସାହୁ, ରଜତ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଶିକ୍ଷା ସହିତ କ୍ରୀଡ଼ା ଛାତ୍ର ଜୀବନରେ ପୂର୍ଣ୍ଣତା ଆଣେ



ଅତିଥିମାନଙ୍କ ଗହଣରେ ଖେଳରେ ଅଂଶଗ୍ରହଣ କରିଥିବା ଛାତ୍ରଗଣ।

ସିମୁଳିଆ, ୨୯।୮(ସନ୍ତୋଷ ନାୟକ)

କ୍ରୀଡା ଜଗତର କିମ୍ବଦନ୍ତୀ ପୁରୁଷ ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୁରୁବାର ଅପରାହ୍ନ ୪ଟାରେ ସିମୁଳିଆ ବ୍ଲକ ଅଧୀନ ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଥିଲା। ମାର୍କୋଣା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ରମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ବରି ସରକାରୀ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାଲିକ ଯୋଗଦେଇ କ୍ରୀଡା ଜଗତରେ ଧ୍ୟାନଚାନ୍ଦଙ୍କ ଆଦର୍ଶ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ଏହି ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ଅବସର ବାୟୁସେନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର, ଏସ୍‌ବିଆଇର ଅବସର ବ୍ୟାଙ୍କ ମ୍ୟାନେଜର ଗଜେନ୍ଦ୍ର ସେଠୀ, ରାମଚନ୍ଦ୍ର ସିଂ, ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଅମର କୁମାର ପଣ୍ଡା ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଶିକ୍ଷା ସହିତ କ୍ରୀଡା ଛାତ୍ର ଜୀବନରେ ପୂର୍ଣ୍ଣତା ଆଣିଥାଏ ବୋଲି ମତବ୍ୟକ୍ତ କରିଥିଲେ। କ୍ରୀଡା ଶିକ୍ଷକ ବିଭୁଦତ୍ତ ରଥ ଓ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପଣ୍ଡା ସହଯୋଗୀ ଥିଲେ। ଆଥ୍‌ଲେଟିକ ଆସୋସିଏଶନର ସଭାପତି ଶିବାନନ୍ଦ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ର ମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା।

## ତାଲୁକ ଆଇନସେବା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଜଳେଶ୍ୱର, ୨୯।୮(ରବିନାରାୟଣ ପାତ୍ର)–ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ତାଲୁକ ଆଇନ ସେବା ସମିତି ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସବ୍‌ଜଜ୍ ନିଶା ସାମଲ ଅଧ୍ୟକ୍ଷତା କରି ଦୈବି ଦୁର୍ବିପାକ, ଦଙ୍ଗା, ମରୁଡି, କାର୍ଯ୍ୟରତ ଶ୍ରମିକ, ଦୁର୍ଘଟଣାରେ କ୍ଷତିଗ୍ରସ୍ତ ମହିଳା, ବିଧବା, ଦିବ୍ୟାଙ୍ଗ, ବାର୍ଷିକ ୬୦ହଜାରରୁ କମ୍ ରୋଜଗାର ଥିବା ବ୍ୟକ୍ତିଙ୍କୁ ଆଇନ ସହାୟତା ଓ ଆର୍ଥିକ ସହାୟତା ଯୋଗାଇବାର ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ଜେଏମ୍‌ଏଫସି ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ସିଭିଲଜଜ୍ ସ୍ମୃତିପ୍ରଭା ସାହୁ, ଜଳେଶ୍ୱର ବିଡିଓ ପୁନମ୍ ରାଉତ, ସାମାଜିକ ସୁରକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ବେହେରା, ଜୀବିକା ମିଶନ ପକ୍ଷରୁ ମଧୁମିତା ଦାସ, ଯୋଗାଣ ଅଧିକାରୀ ଅବନ୍ତିକା ସାହୁ, ଅତିରିକ୍ତ ବିଡିଓ ମାୟାଧର ମଲ୍ଲିକ, ଓକିଲ ସଂଘ ସଭାପତି କୁଞ୍ଜବିହାରୀ ଦାସ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନା, କିଷାନ କ୍ରେଡିଟ କାର୍ଡ ସମ୍ପର୍କରେ ସଚେତନ କରାଇଥିଲେ।

# ଜାତୀୟ ସେବା ଯୋଜନା ସଚେତନତା ଶିବିର




ସଚେତନତା ଶିବିରରେ ମଞ୍ଚାସୀନ ଅତିଥିଗଣ।

ବାଲିଆପାଳ,୨୯।୮(ଗୋପାଳ ଚନ୍ଦ୍ର ସାହୁ)

ବାଲିଆପାଳ ଲକ୍ଷ୍ମୀପ୍ରିୟା ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟରେ ଗୁରୁବାର ଜାତୀୟ ସେବା ଯୋଜନା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁଦୀପ୍ତ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଭୌତିକ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ଯୋଗଦେଇ ଜାତୀୟ ସେବା ଯୋଜନାର ଲକ୍ଷ୍ୟ ବିଷୟରେ ସେଚ୍ଛାସେବୀମାନଙ୍କୁ ଅବଗତ କରାଇଥିଲେ। ପ୍ରୋଗ୍ରାମ ଅଫିସର ରମେଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରି ସେଚ୍ଛାସେବୀଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଅଧ୍ୟାପକ ବରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ରାଜେନ୍ଦ୍ର ବାରିକ, ଉତ୍ତମ ମହାନା, ଖେଳ ଶିକ୍ଷୟିତ୍ରୀ ଅପର୍ଣ୍ଣା ମଝି ଉପସ୍ଥିତ ଥିବା ବେଳେ ଅଣ ଶିକ୍ଷକ ସୁଶାନ୍ତ ମହାପାତ୍ର, ସୁକାନ୍ତ ଜେନା, ଅରୁଣ ମାଣିକ, ସନ୍ୟାସୀ ବେହେରା, ବିନୋଦ ବେହେରା ସହଯୋଗ କରିଥିଲେ।

ମୟୂରଭଞ୍ଜ

### ପୋଖରୀରୁ ମିଳିଲା ମହିଳାଙ୍କ ମୃତଦେହ

ମୋରଡ଼ା,୨୯।୮(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ସାନମୁଣ୍ଡାବଣି ପଞ୍ଚାୟତର ଉଲୁମୁଣ୍ଡି ଜୁଗୁନି ସାହିର ଏକ ପୋଖରୀରୁ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ମହିଳା ଜଣକ ହେଲେ ଉକ୍ତ ପଞ୍ଚାୟତ ଅନ୍ତର୍ଗତ ବାଘାଝରଣା ଗ୍ରାମର ପାରାଓ ହାଁସଦାଙ୍କ ସ୍ତ୍ରୀ ସୁମିତ୍ରା। ତାଙ୍କ ମା' ରାଇମଣି ସୋରେନଙ୍କ କହିବା ମୁତାବକ, ସୁମିତ୍ରା ଗତ ମଙ୍ଗଳବାର ସନ୍ଧ୍ୟାରେ କିଛି ଟଙ୍କା ଦେବାକୁ ବାପ ଘରକୁ ଆସିଥିଲେ ଏବଂ ଟଙ୍କା ଦେଇ ଚାଲିଯାଇଥିଲେ। ତେବେ ଗୁରୁବାର ସକାଳେ ଗ୍ରାମବାସୀ ସୁମିତ୍ରାଙ୍କ ମୃତଦେହ ଉକ୍ତ ପୋଖରୀରେ ଭାସୁଥିବା ଦେଖିଥିଲେ।

# ଖଟିଆରେ ବୁହାହେଲେ ରୋଗୀ

## ଗାଁକୁ ଯାଇପାରିଲାନି ଆମ୍ବୁଲାନ୍ସ

ଗୋପବନ୍ଧୁ ନଗର,୨୯।୮
(ଶାନ୍ତନୁ କୁମାର ମଣ୍ଡୁଆଲ)



ପରିବାର ଲୋକେ ରୋଗୀଙ୍କୁ ଖଟିଆରେ ବୋହି ନେଉଛନ୍ତି।

ସ୍ୱାଧୀନତାର ୭୮ ବର୍ଷ ପରେ ବି ଗାଁ ରାସ୍ତା ଅବସ୍ଥା ସୁଧୁରୁ ନାହିଁ। ରାସ୍ତା ଓ ଗମନାଗମନ କ୍ଷେତ୍ରରେ ସରକାର ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଗଡ଼ିଗାଁ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏବେ ବି ଉକ୍ତ ପଞ୍ଚାୟତର ଅନେକ ଗାଁକୁ ରାସ୍ତା ନାହିଁ। ଯଦି ବି କେଉଁଠି ରାସ୍ତା ଅଛି ତାହା ମରାମତି ଅଭାବରୁ ଶୋଚନୀୟ ହୋଇ ପଡ଼ିଛି। ଗାଁକୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଜଣେ ରୋଗୀଙ୍କୁ ଖଟିଆରେ ବୋହି ଏକ କି.ମି. ପର୍ଯ୍ୟନ୍ତ ନିଆଯାଇଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଗଡ଼ିଗାଁ ପଞ୍ଚାୟତ ମହ୍ଲାରପଦା ଗ୍ରାମ ନିକଟସ୍ଥ ବଢ଼େଇ ପହଁରା ଉପରସାହି ଗ୍ରାମରେ ପାଖାପାଖି ୨୦ଟି ଆଦିବାସୀ ପରିବାର ବସବାସ କରୁଛନ୍ତି। ଏହି ସାହିକୁ ଭଲ ରାସ୍ତା ନ ଥିବାରୁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଖାଲଖମା ଯୋଗୁ ସାଇକେଲଟିଏ ମଧ୍ୟ ଯିବା ସମ୍ଭବ ହେଉନାହିଁ। ଉକ୍ତ ସାହିର ସାନଗେଡ଼ା ସିଂଙ୍କ ପୁଅ ଯୋଗେନ୍ଦ୍ର (୨୫) ଗୁରୁବାର ସକାଳେ ଅସୁସ୍ଥ ହୋଇ ପଡ଼ିଥିଲେ। ଖବର ପାଇ ୧୦୮ ଆମ୍ବୁଲାନ୍ସ ପହଞ୍ଚିଥିଲା। ମାତ୍ର ରାସ୍ତା ଖରାପ ଯୋଗୁ ଆଗକୁ ଆଗେଇ ନ ପାରି ଗାଁଠାରୁ ଗୋଟିଏ କି.ମି. ଦୂରରେ ଅଟକି ରହିଥିଲା। ପରିବାର ଲୋକେ ଖଟିଆରେ ଭାରକରି ରୋଗୀଙ୍କୁ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ତେବେ ଘରଠାରୁ ଡାକ୍ତରଖାନା ୧୫ କି.ମି. ଦୂର ହୋଇଥିବା ବେଳେ ରୋଗୀ ଉଦଳା ଡାକ୍ତରଖାନାରେ ପହଞ୍ଚିବା ବେଳକୁ ୩ ଘଣ୍ଟା ସମୟ ଲାଗିଥିଲା।

# ଦୋଷୀଙ୍କୁ ଆଜୀବନ ଜେଲ

ବାରିପଦା,୨୯।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ପୂର୍ବ ଶତ୍ରୁତାରୁ ଠେଙ୍ଗାରେ ପିଟି ହତ୍ୟା ମାମଲା

ମୟୂରଭଞ୍ଜ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ଗୁରୁବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଅରବିନ୍ଦ ପଟ୍ଟନାୟକ ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତ। ଏଥି ସହିତ ୫ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଖୁଣ୍ଟା ଥାନା ଅଧୀନ ବଙ୍ଗାଡିହି ଗ୍ରାମର କରୁଣା ହାଁସଦା(୫୦)।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଜାନୁଆରୀ ୨୪ ଅପରାହ୍ନ ୩ଟା ସମୟରେ ଗୋପାଲ ହାଁସଦା ଘରେ ଏକୁଟିଆ ଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ ନେଇ କରୁଣା ଏକ ଠେଙ୍ଗାରେ ତାଙ୍କୁ ଅତର୍କିତ ଆକ୍ରମଣ କରିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ ଗୋପାଳଙ୍କ ସ୍ତ୍ରୀ ମାୟାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୨୬/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରୀ ଆଇନଜୀବୀ ସସ୍ମିତା ମହାପାତ୍ର ମାମଲା ପରିଚାଳନା କରୁଥିଲେ।

# ଜାତୀୟ କ୍ରୀଡ଼ା ଦିବସ

ବାରିପଦା,୨୯।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ମହାବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ପରିଚାଳନା ସମିତି ସଭାପତି କିଶୋର ଦାଶଙ୍କ ମାର୍ଗଦର୍ଶନ କରିଥିବା ବେଳେ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଭିନ୍ନ ଖେଳରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରୁଥିବା ଛାତ୍ରୀଛାତ୍ରମାନଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟର ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଦିବସ ପାଳନ କରିବାର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟାପକ କୀର୍ତ୍ତି କୌଶିକ ନାୟକ, ଅଧ୍ୟାପିକା ସୁଜାତା ପାଲ,ସୁଦେସ୍ନା ଭଞ୍ଜବାବୁ, ଦେବାଶ୍ରିତା ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ମଦନ ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀକୁ ଛୁଟି ଘୋଷଣା ଦାବି

ବାରିପଦା,୨୯।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ନବ ଓଡ଼ିଶାର ଅନ୍ୟତମ ନିର୍ମାତା, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ତଥା ମୟୂରଭଞ୍ଜର ତତ୍କାଳୀନ ପ୍ରଜାବତ୍ସଳ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କର ଜନ୍ମ ଜୟନ୍ତୀ ଡିସେମ୍ବର ୧୭କୁ ସରକାରୀ ଛୁଟି ଦିବସ ଭାବରେ ଘୋଷଣା କରିବା ପାଇଁ ଦାବି ହୋଇଛି। ଗୁରୁବାର ଓଡ଼ିଆ ଜାଗରଣ ମଞ୍ଚର ଏକ ପ୍ରତିନିଧି ମଣ୍ଡଳୀ ମଞ୍ଚର ପ୍ରତିଷ୍ଠାତା ସଭାପତି ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଜିଲାପାଳ ହେମକାନ୍ତ ସାଏଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଦୀର୍ଘ ବର୍ଷ ଧରି ଏହି ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଛୁଟି ଘୋଷଣା କରି ନ ଥିବାରୁ ଗୁରୁବାର ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ରାଜ୍ୟ ସରକାରଙ୍କ କାର୍ଯ୍ୟ ହୋଇଥିବାରୁ ଜିଲାପାଳ ଏବାବଦରେ ତୁରନ୍ତ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଇବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ମଞ୍ଚର କର୍ମକର୍ତ୍ତା ପୀତାମ୍ବର ମଲ୍ଲିକ, ଉଦୟ ନାଥ ଜେନା, ପ୍ରଦୀପ ପଲେଇ, ଦୀପକ କୁମାର ନାୟକ, ଇନ୍ଦୁମତି ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ଜୈବିକ ଉପାୟରେ ଚାଷ ପାଇଁ ସଚେତନତା ବୈଠକ

ବେତନଟୀ,୨୯।୮(ଧରଣୀଧର ମହାନ୍ତି)

ରାସାୟନିକ ସାର, ପୋକମରା ଔଷଧ ବ୍ୟବହାର ନ କରି, ପ୍ରାକୃତିକ ଉପାୟରେ ଜୈବିକ ଚାଷ କରି ମଧ୍ୟ ଭଲ ଫସଲ ଉପୁଜାଇ ହେବ। ଏହାଦ୍ୱାରା ମୃତ୍ତିକାର ଉର୍ବରତା ବଜାୟ ରହିବ। ତେଣୁ ଜୈବିକ ଉପାୟରେ ଚାଷ କରିବା ପାଇଁ ବେତନଟୀ ଧର୍ମଶାଳାଠାରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ସୋମା ପାଲଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ଭାବେ ବେତନଟୀ ବ୍ଲକ କୃଷି ଅଧିକାରୀ ମନୋଜ ପ୍ରଧାନ, ସହକାରୀ କୃଷି ଅଧିକାରୀ ପ୍ରଦୀପ ପ୍ରଧାନ, ଡେପୁଟୀ ସିଇଓ ଆଲାମ ଏମ୍, ସିଇଓ ଖୌଇସର ଜେ ପ୍ରମୁଖ ମଞ୍ଚାସୀନ ରହି ଏସଏମଇଟି ଓ ଡି କାର୍ବୋନିକ ମଧ୍ୟରେ ମିଶ୍ରଣ ଚୁକ୍ତି ହୋଇଥିବା ବିଷୟରେ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସଫଳ ଚାଷୀ ଓ ବେତନଟୀ ଓ ବଡ଼ସାହି ବ୍ଲକର ସାମ୍ବାଦିକ ଶାଶୀ ଶେଖର ପଣ୍ଡା, ସନ୍ତୋଷ ସାହୁ , ହରିଶ ଚନ୍ଦ୍ର ପାଣି, କୌଶଲ୍ୟା ମହାନ୍ତ , ପ୍ରବୋଧ ସେନାପତି , ଧରମା ସିଂ , ଚୁନୁରାମ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଠିଲୋ ସମିତି ସଭ୍ୟ କିଶୋର ନାୟକ ମଞ୍ଚ ପରିଚାଳନା କରିଥିଲେ। ବିକ୍ରମ ପାଲ, ସୁଜିତ ବେହେରା, ତାପସ ମହାନ୍ତି, ଚନ୍ଦ୍ରମୋହନ ମାଝି , ସୁକାନ୍ତ ପାତ୍ର, ପାୟଲ ଧର, ଜଗା ଘୋଷ, ସୀମାରଣୀ ରଣା , କୈଲ୍ୟାଣୀ ବେହେରା, ସସ୍ମିତା ଜେନା, ବାସନ୍ତୀ ମାରାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ପ୍ରତିବାଦରେ ବିକ୍ଷୋଭ



ଭଞ୍ଜସେନା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାଙ୍ଗିରିପୋଷି,୨୯।୮
(ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଗୁରୁବାର ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ ଜରିଆରେ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଖାଲିଥିବା ଡାକ୍ତର ଏବଂ କର୍ମଚାରୀ ପଦବୀ ପୂରଣ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ଥିଶଲ୍ୟ ଏବଂ ସର୍ଜରୀ ବିଭାଗରେ ଡାକ୍ତର ନିଯୁକ୍ତି, ଖାଲିଥିବା ସମସ୍ତ ପଦବୀ ପୂରଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ରଞ୍ଜନ ରଶ୍ମି ଏବଂ ଅଲଟ୍ରାସାଉଣ୍ଡର ବ୍ୟବସ୍ଥା ସହ ଟେକ୍ନିସିଆନ ନିଯୁକ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୫ ଟଙ୍କିଆ ଆହାର କେନ୍ଦ୍ର ବ୍ୟବସ୍ଥା କରାଯିବା, ମିଶନ ଶକ୍ତି କାଫେର ବ୍ୟବସ୍ଥା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୦ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରାଯିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି।

